## ଆମ ପୋଲିସ କାର୍ଯ୍ୟକ୍ରମ

କୋଡ଼ିଙ୍ଗା, (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ପୋଲିସ ପକ୍ଷରୁ ପଣ୍ଡୁଗୁଡା ପାଞ୍ଚାୟତ ଜବାଗୁଡା ଗ୍ରାମରେ କୋଡ଼ିଙ୍ଗା ଥାନାଧିକାରୀ ଦୁର୍ଗାମାଧବ ବାଘଙ୍କ ଅଧକ୍ଷତାରେ ଆମ ପୋଲିସ କାର୍ଯ୍ୟକ୍ରମ କରାଯାଇଛି। ସାଇବର କ୍ରାଇମ, ଟ୍ରାଫିକ ନିୟମ, ବାଲ୍ୟ ବିବାହ, ବ୍ୟାଙ୍କ ଠକେଇ, ଆଦି ବିଷୟରେ ସଚେତନ କରାଯାଇଛି। ଓକିଲ ଉମେଶ ମିଶ୍ର, ବୁଦ୍ଧିଜୀବୀ ଗୋବର୍ଦ୍ଧନ ଭତ୍ରା, ଜୋନ-୩ ଜିଲା ପରିଷଦ କ୍ଷୀରୋଦ ନାୟକ, କୋଷାଗୁମୁଡ଼ା ସିଡିପିଓ ଗୀତାଞ୍ଜଳି ମହାରଣା, ଜିଲା ଶିଶୁ ସୁରକ୍ଷା ଅଧିକାରୀ, କୋଡ଼ିଙ୍ଗା ଏଏସ୍ଆଇ ପ୍ରଦୀପ ବାଘ, ଅଙ୍ଗନୱାଡି କର୍ମୀ ଓ ସ୍ଥାନୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କୋଡ଼ିଙ୍ଗା ଥାନାଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

## କର୍ପୂଲ ଭତରା ମାଳିଗୁଡ଼ା ସରପଞ୍ଚ

ନନ୍ଦାହାଣ୍ଡି,୨୮।୫,(ଡି.ଏନ୍.ଏ.) - ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମାଳିଗୁଡ଼ା ପଞ୍ଚାୟତ ସରପଞ୍ଚଭାବେ କର୍ପୂଲ ଭତରା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଭିମନ୍ୟୁ ଅମନାତ୍ୟଙ୍କଠାରୁ ୬୦୨ଖଣ୍ଡ ଅଧିକ ଭୋଟ ପାଇଛନ୍ତି। ତାଙ୍କୁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ପ୍ରାର୍ଥୀ ଅରୁଣ ମିଶ୍ର, ବ୍ଲକ ଉପାଧକ୍ଷ ସଦନ ଗୌଡ଼ ଅଭିନନ୍ଦନ ଜଣାଇଛନ୍ତି। ସୂଚନାନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଯିବାରୁ ଏଠାରେ ଉକ୍ତ ନିର୍ବାଚନ ସ୍ଥଗିତ ଥିଲା। ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶାନୁଯାୟୀ, ଶୁକ୍ରବାର ଏଠାରେ ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ କରାଯାଇଥିଲା। ୪ଜଣ ପ୍ରାର୍ଥୀ ହୋଇଥିଲେ। କର୍ପୂଲ ମୋଟ ୧୪୦୮ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଭିମନ୍ୟୁ ୮୦୬ ଖଣ୍ଡ ପାଇଛନ୍ତି।

## ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୮।୫ (ନି.ପ୍ର.)- ଜୟପୁର ସଦର ପୋଲିସ ୨ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କଳାହାଣ୍ଡି ଜିଲା କୋକସରାର କାନ୍ତ ଦଳପତି ଓ ଜୟପୁର ସଦର ଥାନା ଅଞ୍ଚଳର ଜଗନ୍ନାଥ ନାଗ। ୨୦୧୮ କାନ୍ତଙ୍କ ନାମରେ ଏକ ମାମଲା ଜୟପୁର ସଦର ଥାନାରେ ଥିଲା। ସେବେଠାରୁ ସେ ଫେରାର ଥିଲେ। ଶନିବାର ପୋଲିସ ଗମ୍ଭାରିଗୁଡାରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ୨୦୧୩ରୁ ଜଗନ୍ନାଥ ଫେରାର ଥିଲେ। ଶନିବାର ଜୟପୁର ପୋଲିସ ତାଙ୍କୁ ଅନ୍ତା ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ଇ-କମ୍ ଏକ୍ସପ୍ରେସ କାର୍ଯ୍ୟାଳୟରୁ ଚୋରି

କୋରାପୁଟ,୨୮।୫(ସ୍ୱ.ପ୍ର.)- କୋରାପୁଟ ସହରର ଅଶୋକ ନଗରସ୍ଥିତ ଇ-କମ୍ ଏକ୍ସପ୍ରେସ ପ୍ରାଇଭେଟ ଲିମିଟେଡ ସଂସ୍ଥାର କାର୍ଯ୍ୟାଳୟରୁ ୫୫ହଜାର ୪୫୯ ଟଙ୍କା ଚୋରି ହୋଇଥିବା ନେଇ କୋରାପୁଟ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୁଚନାନୁଯାୟୀ ଶୁକ୍ରବାର ରାତିରେ କୋରାପୁଟ ସହରର ଅଶୋକନଗରରେ ଥିବା ଇ-କମ୍ ଏକ୍ସପ୍ରେସ କାର୍ଯ୍ୟାଳୟର ସଟର ଚାବି ଭାଙ୍ଗି କେହି ଦୁର୍ବୃତ୍ତ ୫୫ ହଜାର ୪୫୯ ଟଙ୍କା ଚୋରି କରି ନେଇଛନ୍ତି। ସୁପରଭାଇଜର ରାଜିଭ କୁମାର ନାୟକ କୋରାପୁଟ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୩୬/୨୨ରେ ଏକ ମାମଲା ରୁଜୁ କରିଥିବା ଥାନା ଏସଆଇ ରଞ୍ଜିତ ମିଶ୍ର କହିଛନ୍ତି। ସିସିଟିଭି ଫୁଟେଜ ଯାଞ୍ଚ ସହ ସଂସ୍ଥାର ମ୍ୟାନେଜର ଓ କର୍ମଚାରୀମାନଙ୍କୁ ପଚରାଉଚୁରା କରାଯାଇଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ଲୁଟ୍

ପାପଡାହାଣ୍ଡି,୨୮।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ଦେଇ ଯାଉଥିବା ଦଳେଇଗୁଡା ଜଙ୍ଗଲ ନିକଟରେ ଶନିବାର ତେନ୍ତୁଳିଖୁଣ୍ଟି ବ୍ଲକ ଡ଼େଙ୍ଗାଗୁଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନୀ ମହାନ୍ତିଙ୍କଠାରୁ ଲୁଟ୍ ହୋଇଛି। ବିଦ୍ୟାଳୟ କାମ ସାରି ସେ ଫେରିବାବେଳେ ଦଳେଇଗୁଡା ଜଙ୍ଗଲରେ ଏକ ନମ୍ବର ବିହୀନ ବାଇକ ଯୋଗେ ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ତାଙ୍କ ବ୍ୟାଗ୍ ଟାଣି ନେଇଥିଲେ। ଶିକ୍ଷୟିତ୍ରୀ ଏହା ନେଇ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ବ୍ୟାଗରେ ବିଦ୍ୟାଳୟର ଜରୁରୀ କାଗଜପତ୍ର, ଟଙ୍କା, ମୋବାଇଲ ଥିବା ଏତଲାରେ ଉଲ୍ଲେଖ ରହିଛି। ପାପଡାହାଣ୍ଡି ପୋଲିସ ୮୩/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ମୀରା ନାୟକ କହିଛନ୍ତି।

## କଲେଜରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୮।୫ (ବି.ପ୍ର.)- ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ମାଳେଶ୍ୱରୀ ସାହୁ ସ୍ୱାଗତ ଅଭିଭାଷଣ ଦେବା ସହ ସୁସ୍ଥ ସମାଜ ଗଠନରେ ଯୁବବର୍ଗର ଭୂମିକା ଏବଂ ସଂସ୍କାରର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ହୃଷୀକେଶ ଦାସ ମୁଖ୍ୟ ଅତିଥି ଅତିଥିଭାବେ ଯୋଗଦେଇଥିଲେ। ଯୁବ ସଂସ୍କାର କାର୍ଯ୍ୟକ୍ରମ ସଂଯୋଜିକା ତାହିରା ବେଗମ, ମହିଳା ମହବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ. ସଂଯୁକ୍ତା ପଣ୍ଡା, କଲେଜ ଅଧାପକ ବିନୋଦ ପ୍ରଧାନ, ଏନ୍.ଏନ୍. ଖୋସ୍ଲା, ରଞ୍ଜୁସା ପ୍ରହରାଜ, ତରାନୁମ୍ ଆରା, ଡକ୍ଟର ଏମ୍. ରୋହିଣୀ ରାଣୀ, ସୁନୀତା ପାତ୍ର, ତ୍ରିପତି ମାଳି, ଭୁବନ ହରିଜନ, ପଞ୍ଚାନନ ଦାସ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ମାସିକ ଋତୁସ୍ରାବ ଦିବସରେ ସ୍ୱଚ୍ଛତାର ଶପଥପାଠ

ଗୁଣପୁର,୨୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସେବା ସମାଜ ଶିଶୁ ଯତ୍ନ ଅନୁଷ୍ଠାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସହ ବିଭିନ୍ନ ସ୍କୁଲ ଏବଂ କଲେଜରେ ମାସିକ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଛି। ଋତୁସ୍ରାବ ସମୟରେ ସାନିଟାରି ନାପକିନ୍ ବଣ୍ଟାଯିବା ସହ ଏହାର ବ୍ୟବହାର ଉପରେ ସଚେତନ କରାଯାଇଥିଲା। ଏହି ସମୟରେ କିପରି ସ୍ୱଚ୍ଛତା ଅବଲମ୍ବନ କରିବେ ସେ ନେଇ ଅବଗତ କରାଯାଇଥିଲା।

ସେବା ସମାଜଠାରେ ଅନୁଷ୍ଠାନର ସଭାପତି ମାୟା ଶବର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେବା ସମାଜ ବାଳିକା ହଷ୍ଟେଲରେ ଆଇସିଡିଏସ୍ ସୁପରଭାଇଜର ବସନ୍ତ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଶୋୟୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ପରିଚାଳକ ବାଳକୃଷ୍ଣ ବିଶୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୭ମରୁ ୧୦ ଶ୍ରେଣୀ ଛାତ୍ରୀଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ। କ୍ଷେତ୍ର ପରିଦର୍ଶକ ରମାକାନ୍ତ ପ୍ରଧାନଙ୍କ ସମେତ ଏ.ବି. ଗମାଙ୍ଗ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଫାଉଣ୍ଡେସନ ପକ୍ଷରୁ ରାମନାଗୁଡ଼ା ଏବଂ ଗୁଣପୁରର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରାଯିବା ସହ ସ୍ୱଚ୍ଛତାର ଶପଥପାଠ କରାଯାଇଥିଲା।



ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମ।

## ସତୀଗୁଡ଼ା ହାଇସ୍କୁଲରେ ଛାତ୍ରୀଙ୍କୁ ନେଇ ସଚେତନତା

ମାଲକାନଗିରି,୨୮।୫(ଡି.ଏନ୍.ଏ.)

ମାଲକାନଗିରିସ୍ଥିତ ସତୀଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ମାସିକ ଋତୁସ୍ରାବ ସ୍ୱଚ୍ଛତା ଦିବସ ଶନିବାର ପାଳିତ ହୋଇଯାଇଛି। ସତୀଗୁଡ଼ା ଏନ୍ଏଚ୍ଏମ୍ର ଜିଲା ପରିଚାଳକ ବନବିହାରୀ ମିଶ୍ର, ଜିଲା ଆକାଉଣ୍ଟସ ମ୍ୟାନେଜର ଅଙ୍କିତ ଜୈନ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସତ୍ୟ ନାରାୟଣ ଦେଓ, ଆର୍ବିଏସ୍କେ ମ୍ୟାନେଜର, ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମାସିକ ଋତୁସ୍ରାବ ସମୟରେ ଆବଶ୍ୟକ ସ୍ୱଚ୍ଛତା ବିଷୟରେ ସଚେତନ କରିଥିଲେ।

# ପେସାରେ ଅଟୋଚାଳକ ନିଶା ସାପ ଧରିବା

ରାୟଗଡ଼ା ଅଫିସ,୨୮।୫–

### ସାପ ମୋର ବନ୍ଧୁଃ ପ୍ରଦୀପ

ପ୍ରତ୍ୟେକ ମଣିଷର ଭିନ୍ନ ଏକ ନିଶା ତଥା ରୁଚି ରହିଥାଏ। ସାପ ଧରିବା ମଧ୍ୟ ଅନେକଙ୍କ ନିଶା। ଏମିତି ଜଣେ ବ୍ୟକ୍ତି ହେଲେ ରାୟଗଡ଼ା ରାଣୀଗୁଡ଼ା ଫାର୍ମ ଅଞ୍ଚଳର ପ୍ରଦୀପ ଶତପଥୀ(୫୦)। ପେସାରେ ଜଣେ ଅଟୋ ଚାଳକ ହେଲେ ସାପ ଧରିବା ତାଙ୍କର ନିଶା। ସାପ ନାଁ ଶୁଣିଲେ କାହାକୁ ଡର ନାହିଁ। ହେଲେ ପ୍ରଦୀପ ଘରେ ଥାନ୍ତୁ କି କୌଣସି କାମରେ ଗୋଟିଏ ଫୋନ୍ କଲ୍‌ରେ ପହଞ୍ଚିଥାନ୍ତି ସାପ ଧରିବାକୁ।

ପାଖରୁ ସାପ ଦେଖିଲେ ଅନେକ ଲୋକ ଭୟରେ ଚେତାଶୂନ୍ୟ ହୋଇଯାଆନ୍ତି। ହେଲେ ପ୍ରଦୀପଙ୍କ ପାଇଁ ଏହା ବାଆଁ ହାତର ଖେଳ ହୋଇଛି। ସାପ ଧରିବାରୁ କୌଶଳ ଶିଖିବା ପାଇଁ ସେ କୌଣସିଠାରେ ତାଲିମ ନେଇନାହାନ୍ତି। ତଥାପି ୧୦ ବର୍ଷ ମଧ୍ୟରେ ସେ ୪ହଜାରରୁ ଊର୍ଦ୍ଧ୍ୱ ସାପ ଧରିଲେଣି। ଏମାନଙ୍କ ମଧ୍ୟରେ ଛୋଟ ସାପଠାରୁ ଆରମ୍ଭ କରି ଅନେକ ବିଷଧର ସାପ ରହିଛନ୍ତି। ସ୍ୱତନ୍ତ୍ର ଟିଭି ଚାନେଲ୍ ଦେଖି ସେ ସାପ ଧରିବା ଶିଖିଥିବା କୁହନ୍ତି। ପ୍ରଦୀପ ପରିବାରର ବଡ଼ ପୁଅ। ରାୟଗଡ଼ା ବନ ବିଭଗରେ ସେ ଜଣେ ଅଟୋ ଚାଳକ ରୂପେ କାମ କରନ୍ତି। ତଥାପି କାହା ଘରେ ସାପ ପଶିଥିବା ନେଇ ଫୋନ୍ ପାଇଲେ ତୁରନ୍ତ ସେଠାରେ ପହଞ୍ଚିଥାନ୍ତି। ସାପ କେବେ କାହାର କ୍ଷତି କରେନାହିଁ। ମୋ ପାଇଁ ସେ ବନ୍ଧୁ। ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁ ସେମାନେ ଗାଁ କିମ୍ବା ସହର ମୁହାଁ ହୁଅନ୍ତି। ସାପ ଧରିବାକୁ ହେଲେ ସତର୍କତା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ପ୍ରଦୀପ ଅଜଗର, ନାଗ, ରଣା, ଚିଟି, ବିଭିନ୍ନ ସାପ ଧରିଛନ୍ତି। ସେ କିଙ୍ଗ୍ କୋବ୍ରାକୁ ମଧ୍ୟ ଧରିବାର ସାହସ ରଖନ୍ତି। ଏଥିପାଇଁ ପ୍ରଦୀପଙ୍କୁ ବନ ବିଭଗ ପକ୍ଷରୁ ପୁରସ୍କୃତ ମଧ୍ୟ କରାଯାଇଛି। ସ୍ନେକ୍ ହେଲ୍ପଲାଇନର ଜଣେ ସଦସ୍ୟ ଭାବେ ସେ କାର୍ଯ୍ୟ କରୁଛନ୍ତି। ସାପ ଧରିବା ପାଇଁ ବନ ବିଭାଗ ତାଙ୍କୁ ଲାଇସେନ୍ସ ମଧ୍ୟ ମିଳିଛି। ସାପକୁ ଧରିବା ପରେ ଡବାରେ ଭର୍ତ୍ତି କରି ଗୁମ୍ମା ଜଙ୍ଗଲରେ ଛାଡ଼ିଦିଅନ୍ତି। ହେଲେ ସାପ ଧରିବା ପାଇଁ ସେ କାହାଠାରୁ ଟଙ୍କା ମାଗନ୍ତି ନାହିଁ। ଯିଏ ଯାହା ଖୁସିରେ ଦିଅନ୍ତି ସେ ରଖନ୍ତି। ଜଙ୍ଗଲ ଗୁମା ୨୦ କିମି ଜଙ୍ଗଲ ରେ ଛା କୌଣସି ପଶୁ ର କ୍ଷତି ହେଲେ ଦେଖୀ ସହି ପାରନ୍ତି ନି ସେ। ଶନିବାର ସେ ରାୟଗଡ଼ା ଜେଏସ୍କୋ କ୍ୱାର୍ଟର୍ସ ଅଞ୍ଚଳରୁ ଜଣଙ୍କ ଘରୁ ନାଗ ଧରିଛନ୍ତି। ପ୍ରଦୀପଙ୍କ ଏଭଳି କାର୍ଯ୍ୟକୁ ସମସ୍ତ ମହଲରେ ପ୍ରଶଂସା କରାଯାଉଛି।


ରାୟଗଡ଼ା ସହରରୁ ପ୍ରଦୀପ ଧରିଥିବା ନାଗସାପ।

## ସ୍ମାର୍ଟ ସ୍କୁଲ କାର୍ଯ୍ୟର ତଦାରଖ କଲେ ଯୁଗ୍ମ ନିର୍ଦ୍ଦେଶକ


ଯୁଗ୍ମ ନିର୍ଦ୍ଦେଶକ ସ୍କୁଲରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ବିଭିନ୍ନ ବିଷୟରେ ପଚାରି ବୁଝୁଛନ୍ତି।

ମାଲକାନଗିରି,୨୮।୫(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଯୁଗ୍ମ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ ଦୁଇ ଦିନିଆ ମାଲକାନଗିରି ଗସ୍ତରେ ଆସିଛନ୍ତି। ଶନିବାର ସେ ମାଲକାନଗିରି ସରକାରୀ ହାଇସ୍କୁଲ ଯାଇ ସ୍ମାର୍ଟ ଶ୍ରେଣୀଗୃହ, ଆଇସିଟି ଲ୍ୟାବ୍ ସହ ଆନୁଷାଙ୍ଗିକ ବ୍ୟବସ୍ଥାର ତଦାରଖ କରି ସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ସେ ଛାତ୍ରୀଛାତ୍ରଙ୍କ ସମେତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଇଓ କିଶୋର ଚନ୍ଦ୍ର ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟ ପାଇଁ ୬ଟି ଏସି, ସିସିଟିଭି, ସମସ୍ତ ଶ୍ରେଣୀଗୃହକୁ ଅଡିଓ ସିଷ୍ଟମ ଏବଂ ଛାତ୍ରୀଛାତ୍ରଙ୍କ ବସିବା ନିମନ୍ତେ ବେଞ୍ଚ ବିଭାଗ ପକ୍ଷରୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୧୨୫.୩ କେ.ଜି ଗଞ୍ଜେଇ ଜବତ, ୨ ଗିରଫ

ଚିତ୍ରକୋଣ୍ଡା,୨୮।୫(ଡି.ଏନ୍.ଏ.)

ଆନ୍ଧ୍ରକୁ ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅଧୀନ ଡାଇକ୍-୩ ଛକଠାରେ ପୋଲିସ ୧୨୫.୩ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଦୁହେଁ ହେଲେ ଡାଇକ୍-୩ ଗ୍ରାମର ନାରାୟଣ ଟାକ୍ରୀ ଓ ପୀତବାସ ଟାକ୍ରୀ। ଶୁକ୍ରବାର ରାତିରେ ଚିତ୍ରକୋଣ୍ଡା ଥାନା ଏସ୍ଆଇ ବି.କେ. ଧଳଙ୍କ ନେତୃତ୍ୱରେ ପୋଲିସ ରାତ୍ରୀ ପାଟ୍ରୋଲିଂ ବେଳେ ଏମାନଙ୍କୁ ଧରିଥିଲା।

# ସମସ୍ୟା ସମାଧାନ ନ ହେଲେ ପରବର୍ତ୍ତୀ ବୈଠକ ବର୍ଜନ କରିବୁ’

ଉମରକୋଟ, ୨୮।୫(ସ୍ୱ.ପ୍ର.)

ଉମରକୋଟ ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷା ସୁଶୀଳା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏମପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକଙ୍କ ପ୍ରତିନିଧି କାଜାମ ମଦାନି, ବ୍ଲକ ଉପାଧକ୍ଷ ଶ୍ୟାମଳ ସରକାର, ଜିଲା ପରିଷଦ ସଭ୍ୟ ଚନ୍ଦନ ରାଏ, ଡାଳିମ୍ବ ଭତ୍ରା, ବିଡିଓ ଡ଼.ହିମାଞ୍ଚଳ ମାଝି, ବିଇଓ ବିକାଶ ଚନ୍ଦ୍ର ସରକାର, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ସଙ୍କେତ ନାୟକ , ସହକାରୀ ଯନ୍ତ୍ରୀ ଅଶ୍ୱିନ ପଟ୍ଟନାୟକ ଅତିଥିଭାବେ ଉପସ୍ଥିତ ଥିଲେ। ଜିପିଇଓ ପୁନିତ ରାମ ଗଣ୍ଡ ମଞ୍ଚ ପରିଚାଳନା କରିଥିଲେ।

ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ସରପଞ୍ଚ ଓ ସମିତି ସଭ୍ୟ। ଯନ୍ତ୍ରୀ ଶରତ ଚନ୍ଦ୍ର ବେହେରା ବିଭାଗର ସଫଳତା ବିବରଣୀ ପାଠ କଲାବେଳେ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଏହାକୁ ମିଛ ବୋଲି କହି ପାଟି କରିଥିଲେ। ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା, ଖରାପ ହେଲେ ବିଭାଗ ଅଭିଯୋଗ ସତ୍ତ୍ୱେ ମରାମତି କରୁ ନ ଥିବା ସମିତି ସଭ୍ୟ ବିକ୍ରମ ସିଂ ଅଭିଯୋଗ କରିଛନ୍ତି। ଆଇସିଡ଼ିଏସ୍ ବିଭାଗ ପିଲାମାନଙ୍କୁ ଠିକ୍ ଭାବେ ଖାଦ୍ୟ ଓ ଗର୍ଭବତୀଙ୍କୁ ଖାଇବା ସାମଗ୍ରୀ ଦେଉନାହିଁ। ଅଙ୍ଗନୱାଡି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ଥିବା ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ। ବ୍ଲକରେ ଏମ୍ଜିଏନ୍ଆର୍ଇଜିଏସ୍‌ରେ କାମ ମେସିନରେ କରାଯାଉଛି। ଏଥିରେ ଶାସକ ଦଳର ହାତ ରହିଛି। ଅଞ୍ଚଳର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ ହେଉଛନ୍ତି ବୋଲି ବିଧାୟକ ପ୍ରତିନିଧି କାଜାମ ମଦାନି ଅଭିଯୋଗ କରିଛନ୍ତି। ମାଦାନିଙ୍କ ଏହି ଅଭିଯୋଗକୁ ଏମ୍‌ପି ମାଝି ଖଣ୍ଡନ କରି ଏହା ସମ୍ପୂର୍ଣ୍ଣ ମିଛ ବୋଲି କହିଥିଲେ। ଗତ ବର୍ଷ ୟୁରିଆ ସାର ଅଭାବ ଥିଲା। ତେଣୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ମହଜୁଦ ରଖିବା ଓ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦେବାକୁ ଏମ୍‌ପ କୃଷି ବିଭାଗ ଅଧିକାରୀ ବିଧୁ ଭୂଷଣ ମହାକୁଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ମାସରେ ରକ୍ତଦାନ ଶିବିର କରିବା ନେଇ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଛି। ସ୍କୁଲ କୋଠା ମରାମତି ଦାବି ହୋଇଥିଲା। ସିଂଶାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି, ଏଠାକାର ଡାକ୍ତର ଉମରକୋଟ ହସ୍ପିଟାଲରେ କାମ କରୁଥିବା ଜିଲା ପରିଷଦ ସଭ୍ୟ ଡାଳିମ୍ବ ଭତ୍ରା ଅଭିଯୋଗ କରିଛନ୍ତି। ଡାକ୍ତରଙ୍କୁ ସିଂସାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଆଣାଯିବ ବୋଲି ଝରିଗାଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଉପସ୍ଥାପନ ହେଉଥିବା ସମସ୍ତ ସମସ୍ୟାର ସମାଧାନ ୩ ମାସ ମଧ୍ୟରେ ନ ହେଲେ ଆଗାମୀ ସମିତି ବୈଠକକୁ ବର୍ଜନ କରିବୁ ବୋଲି ସମିତି ସଭ୍ୟ ଓ ସରପଞ୍ଚ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଯନ୍ତ୍ରୀ, ପିଇଓ, ଜିଆର୍ଏସ୍, ସମସ୍ତ ସରକାରୀ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧି।

## ତେନ୍ତୁଳି ସଂଗ୍ରହକାରୀ, ମହିଳା କୁମ୍ଭାରଙ୍କୁ ସହାୟତା

କୋରାପୁଟ,୨୮।୫(ସ୍ୱ.ପ୍ର.)

କୋରାପୁଟ ଜିଲାର ତେନ୍ତୁଳି ସଂଗ୍ରହକାରୀଙ୍କ ନିମନ୍ତେ ୬ଟି ତେନ୍ତୁଳି ମଞ୍ଜି ଛଡା ମେସିନ ଓ କୋରାପୁଟ ବ୍ଲକର ମହିଳା କୁମ୍ଭାରଙ୍କୁ ୩ ଟି ବିଦ୍ୟୁତ୍ ଚାଳିତ ମେସିନ ପ୍ରଦାନ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ କୋରାପୁଟ ବ୍ଲକ ଅଧୀନରେ ଥିବା ଝଡିଗୁଡା ଗ୍ରାମର ୩ ମହିଳା ଗୋଷ୍ଠୀଙ୍କୁ ଏହି ମେସିନ ଦିଆଯାଇଥିବା ଓରମାସର ଜିଲା ଅଧିକାରୀ ରୋଶନ କାର୍ତ୍ତିକ କହିଛନ୍ତି। ଏହି ମେସିନ ଝଡିଗୁଡା ଗ୍ରାମରେ ସ୍ଥାପନ ପରେ ମହିଳାମାନେ କମ ସମୟରେ ଅଧିକ ହାଣ୍ଡି ଉତ୍ପାଦନ କରିପାରିବେ ଓରମାସ ପକ୍ଷରୁ କୁହାଯାଇଛି।

ଜିଲାରେ ବଣ ପାହାଡ ଘେରା ମଧ୍ୟରେ ବସବାସ କରୁଥିବା ଆଦିବାସୀଙ୍କ ଜୀବନ ଜୀବିକାରେ ତେନ୍ତୁଳି ହେଉଛି ଏକ ଅର୍ଥକାରୀ ଫସଲ । ତେନ୍ତୁଳି ସଂଗ୍ରହ କଲାପରେ ମହିଳାମାନେ ସଥିରୁ ମଞ୍ଜି କାଢି ସ୍ଥାନୀୟ ବଜାରରେ ବିକ୍ରି କରିଥାନ୍ତି। ତେନ୍ତୁଳିରୁ ମଞ୍ଜି କାଢ଼ିବା କଷ୍ଟ ସାଧ୍ୟ ଓ ସମୟ ସାପେକ୍ଷ। ତେଣୁ ଉକ୍ତ କଷ୍ଟକୁ ଲାଘବ କରିବା ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। କୋରାପୁଟ ଜିଲା ପ୍ରଶାସନ, କେଭିଆଇସି, କାଫୋ ଏବଂ ଓରମାସର ମିଳିତ ସହଯୋଗରେ ତେନ୍ତୁଳି ସଂଗ୍ରହକାରୀ ସଂସ୍ଥାଗୁଡିକୁ ତେନ୍ତୁଳି ମଞ୍ଜି ଛଡାଇବା ମେସିନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ପଟ୍ଟାଙ୍ଗୀ, ନାରାୟଣପାଟଣା ଓ ବୋରିଗୁମ୍ମା ବ୍ଲକରେ ୨ଟି ଲେଖାଏ ମେସିନ ସ୍ଥାପନା କରାଯିବ ବୋଲି କୋରାପୁଟସ୍ଥିତ କାଫୋକର ବରିଷ୍ଠ ଅଧିକାରୀ ତପନ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ମହିଳା କୁମ୍ଭାରମାନଙ୍କ ପାଇଁ ବିଦ୍ୟୁତ ଚାଳିତ କୁମ୍ଭାର ଚକ ଓ ମାଟିରୁ ଗୋଡି ବାହାର କରିବା ମେସିନ ଦିଆଯାଉଥିବା ଓରମାସର ଜିଲା ଅଧିକାରୀ ରୋଶନ କାର୍ତ୍ତିକ ସୂଚନା ଦେଇଛନ୍ତି।


ବିଦ୍ୟୁତ୍ ଚାଳିତ ମେଶିନ ପାଇଥିବା ଝଡିଗୁଡା ଗ୍ରାମର ୩ ମହିଳା ଗୋଷ୍ଠୀ ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହକୁ ମିଳୁନି ସମ୍ମାନ

ନବରଙ୍ଗପୁର,୨୮।୫(ବି.ପ୍ର.)

### ଶବାଗାରରେ ନାହିଁ ଫ୍ରିଜର, ବରଫ ଉପରେ ରଖାଯାଉଛି ମୃତଦେହ

ମୃତଦେହକୁ ସମ୍ମାନ ଦେଇ ତାହାର ସୁରକ୍ଷା ଓ ସତ୍କାର ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ଶୁକ୍ରବାରରୁ ରାଇଘରରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ରଖା ଯାଇଛି। ଏବେ ମୃତଦେହରୁ ଦୁର୍ଗନ୍ଧ ବାହାରି ଆଖପାଖ ପରିବେଶ ପ୍ରଦୂଷିତ କରୁଛି। ମୃତଦେହ ରଖିବାକୁ ଥିବା ଫ୍ରିଜର ଖରାପ ଥିବାବେଳେ ତଷ୍ଟୁ ଓ ଗୋଟିଏ ଆଇସ ଖଣ୍ଡ ଦେଇ ତାହାକୁ ରଖା ଯାଇଛି। ମୃତଦେହ ଏବେ ପଚିବାକୁ ବସିଲାଣି। ବିଗତ ଦିନରେ ଉମରକୋଟ ମେଡିକାଲରେ ମଧ୍ୟ ଏପରି ଏକ ଚିତ୍ର ସାମ୍ନାକୁ ଆସିଥିଲା। ସେଠାରେ ରଖାଯାଇଥିବା ମୃତଦେହ କ୍ଷତ ବିକ୍ଷତ ହୋଇ ମିଳିଥିଲା। ଏନେଇ ସିଡିଏମ୍ଓ କାଳୀ ପ୍ରସାଦ ବେହେରାଙ୍କୁ ପଚାରିବାରୁ ଫ୍ରିଜର ପାଇଁ ଉପରିସ୍ଥ ଅଧିକାରୀଙ୍କୁ ପତ୍ର ଲେଖାଯାଇଛି। ଶବଗୃହରୁ ପାଣି ବାହାରିବା ପାଇଁ ମଧ୍ୟ ଉତ୍ତମ ଡ୍ରେନ ବ୍ୟବସ୍ଥା ନ ଥିବାରୁ ପାଣି ଆସୁଛି। ଶୁକ୍ରବାରଠାରୁ କରେଣ୍ଟ ନ ଥିବା ଯୋଗୁ ବାଧ୍ୟ ହୋଇ ଆଇସ ଦିଆ ଯାଇ ରଖାଯାଇଛି। ଉମରକୋଟ ଓ ନବରଙ୍ଗପୁର ମେଡ଼ିକାଲ ପାଇଁ ୨ଟି ଲେଖାଏ ମରଚରି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ମୃତଦେହକୁ ଅସମ୍ମାନ କରାଯାଇଥିବା କହି ବୁଦ୍ଧିଜୀବୀମାନେ ତୀବ୍ର ନିନ୍ଦା କରିଛନ୍ତି।

# ୨୪ଘଣ୍ଟାରେ ଅଭିଯୁକ୍ତ ଗିରଫ ନ ହେଲେ ୩୧ରେ ତେନ୍ତୁଳିଖୁଣ୍ଟି ବନ୍ଦ ଚେତାବନୀ

ତେନ୍ତୁଳିଖୁଣ୍ଟି, ୨୮।୫(ଡି.ଏନ୍.ଏ.)

- ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ମାରିବା ଘଟଣା
- କଂଗ୍ରେସର ଖବରଦାତା ସମ୍ମିଳନୀ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣର ୫ଦିନ ପରେ ମଧ୍ୟ ପୋଲିସ ହାତ ଖାଲି। ବ୍ଲକ କର୍ମଚାରୀ ନିଜ ସୁରକ୍ଷା ସହ ଅଭିଯୁକ୍ତଙ୍କ ଗିରଫ ଦାବିରେ କଳାବ୍ୟାଜ୍ ଧାରଣ କରିଛନ୍ତି। ତଥାପି ମଧ୍ୟ ପୋଲିସ ଚୁପ୍ ହୋଇ ବସିଛି। ଏହାକୁ ନିନ୍ଦା କରିଛି କଂଗ୍ରେସ। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ୩୧ରେ ତେନ୍ତୁଳିଖୁଣ୍ଟି ବନ୍ଦ କରାଯିବ ବୋଲି କଂଗ୍ରେସ ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଇଛି।

ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ତେନ୍ତୁଳିଖୁଣ୍ଟିକୁ ଅଣଦେଖା କରାଯାଉଛି। ଜିଲାର ସମସ୍ତ ବ୍ଲକରେ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଯୁକ୍ତ ୨ ଶ୍ରେଣୀ ଖୋଲାହୋଇଛି, କିନ୍ତୁ ତେନ୍ତୁଳିଖୁଣ୍ଟିରେ ଖୋଲାଯାଇନାହିଁ। ଏଠାରେ ଗୋଟିଏ ବି ବୈଷୟିକ ଶିକ୍ଷାନୁଷ୍ଠାନ ନ ଥିବାକୁ ନିନ୍ଦା କରିଛି କଂଗ୍ରେସ। ଆଗାମୀ ଦିନରେ ତେନ୍ତୁଳିଖୁଣ୍ଟି ସମେତ ପାତ୍ରପୁଟରେ ଯୁକ୍ତ୨, ଖାତିଗୁଡ଼ାରେ ଆଇଟିଆଇ ଓ ଇନ୍ଦ୍ରାବତୀରେ ଯୁକ୍ତ୩ କଲେଜ ଖୋଲିବାକୁ ଦାବି କରିଛି କଂଗ୍ରେସ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ତେନ୍ତୁଳିଖୁଣ୍ଟି ଅବହେଳିତ। ଡାକ୍ତର ଶୂନ୍ୟ କରିବା ଷଡ଼ଯନ୍ତ୍ର କରାଯାଉଛି। ଏହି ବ୍ଲକରେ ନିଯୁକ୍ତ ଡାକ୍ତରଙ୍କୁ ଡେପୁଟେଶନ କରା ଯାଉଛି। ପ୍ରତିବାଦ କଲେ ବାତିଲ କରାଯାଉଛି। ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଗାମୀ ୧ମାସ ମଧ୍ୟରେ ଡାକ୍ତର ପୋଷ୍ଟିଂ କରା ନ ଗଲେ କଂଗ୍ରେସ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତିଙ୍କ ସମେତ ଜିଲା ମହିଳା କଂଗ୍ରେସ ନେତ୍ରୀ ପି. ନାଗରତ୍ନମ, ଭୀମସେନ ପାଣିଗ୍ରାହୀ, କିଶୋର ସିଂ, ଦିଲୀପ ପ୍ରଧାନୀ, ଅବ୍ଦୁଲ ଫିରୋଜ, କୁମର ପୂଜାରୀ, ସୁନୀଲ ସିଂ, ବସନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ ।

## ସୁରି ପଞ୍ଚାୟତର ୫ ବନ୍ଧ ନିଲାମ



କୋଲନରା,୨୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ସୁରି ପଞ୍ଚାୟତ ପକ୍ଷରୁ ଶନିବାର ସମ୍ପତ୍ତି ନିଲାମ କରାଯାଇଛି। ଏଥିରେ ଜିପିଓ ରମେଶ ଚନ୍ଦ୍ର ଯୋଶୀ ନିଲାମ ଡାକିଥିଲେ। ନିଲାମରେ ସୁରୀ ଗ୍ରାମର ବନ୍ଧକୁ ଉକ୍ତ ଗ୍ରାମର ଦିଲୀପ କୁମାର ଲେଙ୍କା ୧୮ ହଜାର ଟଙ୍କାରେ ଲିଜ୍ ଆକାରରେ ନେଇଛନ୍ତି। ସେହିପରି ମନିସିଙ୍ଗି ଓଟା ବନ୍ଧକୁ ସୁଶାନ୍ତ ହୁଇକା ୧୫୦୦ ଟଙ୍କାରେ, ମନସିଙ୍ଗି କାଞ୍ଜିକା ବନ୍ଧକୁ ଜିତୁ ମିଶ୍ର ୨୦୦୦ ଟଙ୍କାରେ, ଦାନ ବନ୍ଧକୁ ଦୀପକ କୁମାର ଗାଡ଼ପୁ ୪୦୦୦ ଟଙ୍କାରେ ଏବଂ ପୂଜାରୀଗୁଡ଼ା ଠାକୁରାଣୀ ବନ୍ଧକୁ ନନ୍ଦ ଗାଣ୍ଟା ୩୦୦ଟଙ୍କାରେ ଲିଜ୍ ନେଇଛନ୍ତି। ସମସ୍ତ ବନ୍ଧ ୧ ବର୍ଷ ପାଇଁ ଲିଜ୍ ଆକାରରେ ଦିଆଯାଇଛି। ନିଲାମ କାର୍ଯ୍ୟକ୍ରମରେ ପିଇଓ କମଳାକାନ୍ତ ରାଉତ, ସରପଞ୍ଚ ଛବି ଜିଲକାରା ଜିପିଓଙ୍କୁ ସହଯୋଗ କରିଥିଲେ। ଏଥିରେ ନିଲାମଧାରୀ ଏବଂ ସମସ୍ତ ଗ୍ରାମରୁ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପଦ୍ମଶ୍ରୀ ରଜତ କରଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ପଦ୍ମପୁର,୨୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସହରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦୟ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ରମେଶ ଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାସ, ସରୋଜ ପାଣିଗ୍ରାହୀ, ଜୟଶଙ୍କର ମିଶ୍ର, ଗଙ୍ଗାଧର ପଣ୍ଡା, ରଘୁନନ୍ଦନ ପାଢ଼ୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ପଦ୍ମଶ୍ରୀ ରଜତ କର ଏକାଧାରରେ ଜଣେ ଜଗନ୍ନାଥ ସଂସ୍କୃତି ଗବେଷକ, ଭଞ୍ଜ ସାହିତ୍ୟର ଗବେଷକ, ସାହିତ୍ୟ ସାଧକ, ପ୍ରବଚକ ଏବଂ କଳାକାର ଥିଲେ। ତାଙ୍କୁ ହରାଇ ଓଡ଼ିଶାବାସୀ ମର୍ମାହତ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

## ରାମଚନ୍ଦ୍ରଙ୍କୁ ଓବିସି ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ମୁନିଗୁଡ଼ା, ୨୮।୫ (ଡି.ଏନ୍.ଏ.)



ରାୟଗଡ଼ା ଜିଲା ମୁନିଗୁଡ଼ା ଅଧିବାସୀ ରାମଚନ୍ଦ୍ର ବେହେରାଙ୍କୁ ଭାଜପା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ତଥା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଥିବା ରାମଚନ୍ଦ୍ରଙ୍କୁ ରାଜ୍ୟ ସଭାପତି ସମିର ମହାନ୍ତିଙ୍କ ଅନୁମୋଦନ କ୍ରମେ ଦକ୍ଷିଣାଞ୍ଚଳ ସଙ୍ଗଠନିକ ଜିଲା କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ, ଗଜପତି ଆଞ୍ଚଳିକ ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ଏଥିସହ ସ୍ୱତନ୍ତ୍ର ଭାବେ କଳାହାଣ୍ଡି ଜିଲା ଓବିସି ମୋର୍ଚ୍ଚାର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ପଛୁଆବର୍ଗଙ୍କ ସାମଗ୍ରିକ ଉନ୍ନତି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରାଯାଇଛି।

## ମହିଳା, ଶିଶୁଙ୍କ ସାସ୍ଥ୍ୟ ନେଇ ସଚେତନତା

ବିଷମକଟକ,୨୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ପାଇକ ଡାକୁଲୁଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ସାସ୍ଥ୍ୟ ଶିକ୍ଷା ନିଗମ (ଆଇଏଚ୍ଇସି) ପକ୍ଷରୁ ମହିଳା ଓ ଶିଶୁଙ୍କ ସାସ୍ଥ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ରାଜ୍ୟ ସଂଯୋଜକ ଜୟଦେବ ବେହେରା, ରାଜ୍ୟ ସଭାପତି ଆର୍ଯ୍ୟବ୍ରତ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ଅଧକ୍ଷ ଦୁର୍ଗା ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ସଂଯୋଜକ ପ୍ରିତିଶ ମହାପାତ୍ରଙ୍କ ଅଧକ୍ଷତାରେ ହୋଇଥିବା ବ୍ଲକ ସଂଯୋଜକ ଜଗତ ହିଆଲଙ୍କ ନେତୃତ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ମିତ୍ରଙ୍କ ଉପସ୍ଥିତ ଥିଲେ। ସରପଞ୍ଚ ବାସନ୍ତୀ ହିକକା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଠାରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମେତ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ପିଲାଙ୍କ ଶିକ୍ଷା ଉପରେ ଆଲୋଚନା କରାଯାଇଥିଲା। ଋତୁସ୍ରାବ ସମୟରେ ସାନିଟାରି ପ୍ୟାଡ୍ ବ୍ୟବହାର, ମାଗଣାରେ ପ୍ୟାଡ୍ ଯୋଗାଇବା, ଗର୍ଭବତୀମାନେ କିପରି ପୁଷ୍ଟିହୀନତାର ଶିକାର ହେବେନାହିଁ, ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ପାଠପଢ଼ାରୁ ବଞ୍ଚିତ ପିଲାଙ୍କୁ ମାଗଣାରେ ଟ୍ୟୁଶନ, ମାଗଣାରେ ପାଠ୍ୟ ଉପକରଣ ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

